# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ଯିହିଜିକଲ : ସ୍ୱପ୍ନ ମାନବ



ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,ଂ ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଅନେକ ଦିନ ପୂର୍ବେ, ପରାକ୍ରମଶାଳୀ ସୈନ୍ୟଦଳ ଯିହୁଦା ପ୍ରଦେଶକୁ
ଆକ୍ରମଣ କଲେ, ସେମାନେ ଅନକଙ୍କୁ ବନ୍ଦିକରି
ବାବିଲୋନକୁ ନେଇଗଲେ ।



ନିଜ ଦେଶଠାରୁ ଅନ୍କ ଦୂରରେ, ଏହି ଯିହୁଦୀମାନେ କବାର ନଦୀ କୂଳରେ ବେସକଲେ । ସେମାନଙ୍କ ମଧ୍ୟରେ ସଦାପ୍ରଭୁଙ୍କ ଦାସ, ଭବିଷ୍ୟଦବକ୍ତା ଯିହିଜିକଲ ମଧ୍ୟ ଥିଲେ ।



ଦିନକରେ, ସଦାପ୍ରଭୁ ଯିହିଜିକଲଙ୍କୁ ଏକ ସ୍ୱପ୍ନ ଦେଖାଇଲେ । ସଦାପ୍ରଭୁଙ୍କ ମହିମା ଉଜ୍ଜ୍ୱଳ ଆଲୋକ ତାଙ୍କ ଆଗରେ ପ୍ରକାଶିତ ହେଲା, ପୁଣି ତହିଁମଧ୍ୟରୁ ଜୀବୀତ ଚାରିପ୍ରାଣିର ମୁର୍ତ୍ତୀ ପ୍ରକାଶ ପାଇଲା ସେମାନଙ୍କ ଆକୃତି ଏହିପ୍ରକାର ଯେ, ସେମାନଙ୍କର ରୂପ ମନୁଷ୍ୟ ପରି ।



ପ୍ରତ୍ୟେକର ଚ଼ାରି ଚ଼ାରି ମୁଖ ଓ ପ୍ରତ୍ୟେକର ଚ଼ାରି ଚ଼ାରି ପକ୍ଷ ଥିଲା । ସେମାନଙ୍କ ମସ୍ତକର ଉପରିସ୍ଥ ଶୂନ୍ୟର ଊର୍ଦ୍ଧ୍ୱରେ ନିଳକାନ୍ତ ମଣି ଶଦୃଶ୍ୟ ଏକ ସିଂହାସନର ଆକୃତି ଥିଲା, ଯାହା ଇନ୍ଦ୍ରଧନୁ ପରି ପ୍ରଜ୍ୱଳିତ ଅଗ୍ନିଶିଖା ଥିଲା । ଯେତେବେଳେ ଯିହିଜିକଲ ତାହା ଦେଖିଲେ, ସେ ମୁହଁ ମାଡ଼ି ପଡ଼ିଗଲେ ।



ସଦାପ୍ରଭୁ ଯିହିଜିକଲଙ୍କୁ କଥା କହିଲେ, ଆମ୍ଭେ ଇସ୍ରାଏଲର
ସନ୍ତାନଗଣର ନିକଟଙ୍କୁ ତୁମକୁ ପ୍ରେରଣ କରୁଅଛୁ ।
ତୁମ୍ଭେ ସେମାନଙ୍କୁ ଆମ୍ଭ ବାକ୍ୟ କୁହ,
ସେମାନେ ବିଦ୍ରୋହୀ ବଂଶ । ଏକ
ହସ୍ତ ପ୍ରସାରିତ ହେଲା, ଆଉ
ଦେଖ
ତହିଁ
ମଧ୍ୟରେ
ଏକ ଖଣ୍ଡ ନଳାକାର ପୁସ୍ତକ ଥିଲା ।



ସଦାପ୍ରଭୁ ତାହାଙ୍କୁ କହିଲେ ସେହି ନଳାକାର ପୁସ୍ତକ ଭୋଜନ କର ।
ଏବଂ ଯାଇ ଇସ୍ରାଏଲ ବଂଶ ସହିତ କଥା କୁହ ।
କି ଅସଂଗତ ଆଜ୍ଞା, ମାତ୍ର ସେ ସଦାପ୍ରଭୁଙ୍କ
ବାଧ୍ୟ ହେଲେ । ସେ ସେହି ନଳାକାର
ପୁସ୍ତକ ଖାଇ ସେଠାରୁ ପଳାୟନ
କଲେ ।



ସଦାପ୍ରଭୁଙ୍କ ଆତ୍ମା ତାହାଙ୍କୁ ଉଠାଇଲେ ଓ ନେଇଗଲେ ଓ କବାର ନଦୀତୀର ନିବାସି ନିର୍ବାସିତ ଇସ୍ରାଏଲୀୟ ଲୋକମାନଙ୍କ ନିକଟକୁ ଆସିଲେ । ପୁଣି ସାତଦିନ ପର୍ଯ୍ୟନ୍ତ ସେଠାରେ ବସି ରହିଲେ, ସେ ଯାହା ଦେଖିଲେ ତହିଁ ରେ ଆଚମ୍ବିତ ହେଲେ ।



ତାହାପରେ ସଦାପ୍ରଭୁ
ତାହଙ୍କୁ ଇସ୍ରାଏଲର
ବଂଶପ୍ରତି ପ୍ରହରି
କଲେ । ସେ ସେହି
ଲୋକମାନଙ୍କୁ ଦୁଷ୍ଟ
ପଥରୁ ଫେରିବାକୁ
ଓ ସଦାପ୍ରଭୁଙ୍କ
ବାଧ୍ୟ ହେବାକୁ
କହିଲେ ।






ଯିହିଯିକଲ ଅନେକ ପ୍ରକାରର ବିଚିତ୍ର ବିଷୟ ଗୁଡ଼ିକ କରି ସଦାପ୍ରଭୁଙ୍କ ବାକ୍ୟ ପ୍ରଚାର କଲେ । ସେ ଏକ ଯିରୂଶାଲମର ଛବି ମାଟିପାତ୍ର ଉପରେ ଅଙ୍କନ କରି ତାହାକୁ ରାଫୁଡ଼ି ଦେଖାଇଲେ । ହୋଇପାରେ ଅନ୍ୟ ଲୋକମାନେ ତାଙ୍କ କାନ୍ଧ ଉପରେ ସେମାନଙ୍କ ହାତ ରଖି ଦେଖୁଥାଇ ପାରନ୍ତି ଯେତେବେଳେ ସେ ଯିରୂଶାଲମର ଚାରିପଟେ ଥିବା ଶକ୍ତିଶାଳି ସୈନ୍ୟଦଳର ଚିତ୍ର ଆଙ୍କିଲେ । ସେ ଦେଖାଇଲେ ଯେ ଶିଘ୍ର ସଦାପ୍ରଭୁଙ୍କ ପବିତ୍ର ନଗର, ଯିରୂଶାଲମ ଧ୍ୱଂଶ ହେବାକୁ ଯାଉଅଛି ।

ଉତ୍ତରରେ ଥିବା ପ୍ରଦେଶ, ଇସ୍ରାଏଲ, ପ୍ରାୟ ତିନିଶହ ନବେ ବର୍ଷ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଅବାଧ୍ୟ ହେଲେ, ଏବଂ ଯିହୁଦା ପ୍ରଦେଶ, ଦକ୍ଷିଣରେ ଥିବା ପ୍ରଦେଶ, ଚାଳିଶ ବର୍ଷ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଅବାଧ୍ୟ ହେଲେ ।



ସେଥିଯୋଗୁଁ ଇସ୍ରାଏଲକୁ ଧ୍ୱଂଶ କରାଗଲା ଓ ଯିହୁଦା ପ୍ରଦେଶ ମଧ୍ୟ ଶିଘ୍ର ଧ୍ୱଂଶ ହେବ । ସଦାପ୍ରଭୁ ଯିହିଜିକଲଙ୍କୁ କହିଲେ, ତୁମ୍ଭେ ସେମାନଙ୍କ ପାପ ମନେ ପକାଇଦେବାକୁ ତିନିଶହ ନବେଦିନ ପର୍ଯ୍ୟନ୍ତ ତୁମ୍ଭର ବାମ ପାର୍ଶ୍ୱରେ ଶୟନ କର, ତାହାପରେ ତୁମ୍ଭର ଦକ୍ଷିଣ ପାର୍ଶ୍ୱରେ ଚାଳିଶ ଦିନ ପର୍ଯ୍ୟନ୍ତ ଶୟନ କର ।





ହୋଇପାରେ ଲୋକମାନେ ଚିନ୍ତାକରିବାକୁ
ଆରମ୍ଭ କଲେ ଯେ ଯିହିଜିକଲ ଅତି ବିଚିତ୍ର
ଲୋକ ଅଟନ୍ତି । ସଦାପ୍ରଭୁ ତାଙ୍କୁ ଯାହା ଯାହା
କହିଲେ ସେ ତାହା ତାହା କଲେ । ଦିନକରେ
ସେ ନିଜର ମସ୍ତ କ୍ଷୌର କରି ସେହି କେଶର
ତୃତୀୟାଂଶ ନେଇ ନଗରର ମଧ୍ୟସ୍ଥଳରେ
ତାହା ଦଗ୍ଧ କଲେ ।





ଏହାର ତାତ୍ପର୍ଯ୍ୟ ଥିଲା ବାବିଲ
ଆକ୍ରମଣ କରିବା ସମୟରେ
ଯିରୁଶାଲମର ଏକ ତୃତୀୟାଂଶ
ଲୋକ ରୋଗ ଓ ଅନାହାରରେ
ମୃତ୍ୟୁବରଣ କରିବେ ।

ଯିହିଜିକଲ ପୁଣି ଏକ ତୃତୀୟାଂଶ କେଶ ନେଇ ତହିଁର ଚ଼ତୁର୍ଦ୍ଦୀଗରେ ଖଡ୍ଗରେ କାଟିଲେ । ଏହାର ତେପ୍ରର୍ଯ୍ୟ ଥିଲା ଏକ ତୃତୀୟାଂଶ ଲୋକ ଶତୃର ଖଡ୍ଗରୁ ମୃତୁବରଣ କରିବେ ।



ଶେଷ ତୃତୀୟାଂଶଟିକୁ ସେ ବାୟୁରେ ଉଡ଼ାଇଦେଲେ, କିନ୍ତୁ ଅଳ୍ପ ସଂଖ୍ୟକ କେଶ ନିଜ ବସ୍ତ୍ରର ଅଞ୍ଚଳରେ ବାନ୍ଧିଲେ ଯାହାର ଚିହ୍ନ ଥିଲା, ସଦାପ୍ରଭୁ କେତକ ଲୋକମାନଙ୍କୁ ସୁରକ୍ଷିତ ରଖିବେ ଏବଂ ସେମାନଙ୍କୁ ଫେରାଇ ସେହି ପ୍ରତିଜ୍ଞାତ ଦେଶ ଦେବେ ।



ସେହି ନିର୍ଭୟ ଭବିଷ୍ୟଦବକ୍ତା ଦାସତ୍ୱରେ ଥିବା

ଯିହୁଦୀମାନଙ୍କୁ କହିଲେ, ବିଷୟ ଅତି ଜଟିଳ

ହେବାକୁ ଯାଉଅଛି, ସେମାନଙ୍କ

ଭାବନାନୁସାରେ ସହଜ ହେବ

ନାହିଁ । ଲୋକମାନେ

ଯିହିଜିକଲଙ୍କ ଉପରେ

କ୍ରୋଧ କଲେ, ମାତ୍ର ସେ

ସଦାପ୍ରଭୁଙ୍କ ବାକ୍ୟ

ପ୍ରଚାର କରି

ଚାଲିଲେ ।



ଦିନକରେ, ଯେତେବେଳେ ସେ ଇସ୍ରାଏଲର ପ୍ରାଚିନବର୍ଗଙ୍କ ସହିତ ବସିଥିଲେ, ସଦାପ୍ରଭୁ ଯିହିଜିକଲଙ୍କୁ ଏକ ସ୍ୱପ୍ନ ଦେଲେ ।

ସେହି ସ୍ୱପ୍ନରେ, ସଦାପ୍ରଭୁ ତାହାଙ୍କୁ ତାହାର କେଶ ଦ୍ୱାରା ଉପରକୁ ଉଠାଇଲେ ଓ ଯିରୁଶାଲମ ମନ୍ଦିରକୁ ଘେନିଗଲେ ।



ମନ୍ଦିରରେ, ସଦାପ୍ରଭୁ ଉରୋଗାମି ଜନ୍ତୁ ଓ ଘୃଣାଯୋଗ୍ୟ ପଶୁ ଓ ଦେବତାର ପ୍ରତିମୂର୍ତ୍ତୀ ଚିତ୍ରିତ ଦେଖାଇଲେ । ଏହା କଦାପି ସଦାପ୍ରଭୁଙ୍କ ମନ୍ଦିରରେ ହେବା ଅନାବଶ୍ୟକ ଅଟେ ।



ପ୍ରାଚ଼ିନବର୍ଗ ସଦାପ୍ରଭୁଙ୍କ ପରିବର୍ତ୍ତେ ସେସବୁକୁ ଉପାସନା କରୁଥିଲେ । ସଦାପ୍ରଭୁ ମଧ୍ୟ ତାହକୁ ଦେଖାଇଲେ ଯେପରି ସଦାପ୍ରଭୁଙ୍କ ମହିମା ସେହି ମନ୍ଦିର ମଧ୍ୟରୁ ପଳାୟନ କରୁଅଛି ଏବଂ ତାହା ଧ୍ୱଂଶ ପାଇବ ।



ଯେତେବେଳେ ତାହାର ସ୍ୱପ୍ନ ଶେଷ ହେଲା, ତହୁଁ ଯିହିଜିକଲ ସେହି ବିଷୟରେ ଯିହୁଦୀମାନଙ୍କୁ କହିଲେ ।





ସଦାପ୍ରଭୁ ଯେ ସମସ୍ତ କଥା କହିଲେ ସବୁ ସତ୍ୟ ହେଲା । ଯିରୁଶାଲମ
ନଗର ଧ୍ୱଂଶ ପାଇଲା । ଅନେକ ଲୋକ ମରିଗଲେ । ଯେତେବେଳେ
ବାବିଲରେ ଦାସତ୍ୱରେ ଥିବା ଯିହୁଦୀମାନେ ସେହି ବିଷୟରେ
ଶୁଣିଲେ, ସେମାନେ ବିସ୍ମିତ ହୋଇ କହିଲେ, ସଦାପ୍ରଭୁ କି ତାଙ୍କ
ଲୋକମାନଙ୍କୁ ଅନନ୍ତକାଳ ନିମନ୍ତେ ପରିତ୍ୟାଗ କରିଅଛନ୍ତି ।

କିନ୍ତୁ ସଦାପ୍ରଭୁ ତାଙ୍କ ଭବିଷ୍ୟଦବକ୍ତାଙ୍କୁ
ଅନ୍ୟଏକ ସମ୍ବାଦ ଦେଲେ ।



ସେ ଯିହିଜିକଲଙ୍କୁ ଏକ ଉପତ୍ୟାକାକୁ ନେଇଗଲା ସେହିସ୍ଥାନ କେବଳ ଶୁଖିଯାଇଥିବା ଅସ୍ଥିରେ ପୁରିପୂର୍ଣ୍ଣ ଥିଲା-ମନୁଷ୍ୟ ମାନଙ୍କ ଅସ୍ଥି ।



ହେ ମନୁଷ୍ୟ ସନ୍ତାନ, ଏହି ସକଳ ଅସ୍ଥି କି ସଜୀବ ହୋଇପାରେ? ସଦାପ୍ରଭୁ ଯିହିଜିକଲଙ୍କୁ କହିଲେ । ହେ ସଦାପ୍ରଭୁ ଆପଣ ତାହା ଜାଣନ୍ତି, ଯିହିଜିକଲ ଉତ୍ତର କଲେ । ନିଶ୍ଚିତରେ ଏହି ଶୁଖିଲା ଅସ୍ଥିଗୁଡ଼ାକ ପୁନର୍ବାର ବଞ୍ଚିବା ଅସମ୍ଭବ । ସଦାପ୍ରଭୁ କହିଲେ, ...



... ଏହି ଅସ୍ଥିର ଉଦ୍ଦେଶ୍ୟରେ ଭବିଷ୍ୟଦବାକ୍ୟ ପ୍ରଚାର କରି କୁହ, ହେ ଶୁଷ୍କ ଅସ୍ଥି ସକଳ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶ୍ରବଣକର । ତୁମ୍ଭେମାନେ ଜୀବିତ ହେବ । ଯେତେବେଳେ ସେ ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ, ଯିହିଜିକଲଙ୍କୁ ଏକ ପ୍ରକାରର ଶବ୍ଦ ଶୁଣାଗଲା । ତୁମେ ଜାଣ କି ତାହା କିପରି ହେଲା?



ଭବିଷ୍ୟଦବକ୍ତାଙ୍କ ଆଖି ଆଗରେ ସମସ୍ତ ଅସ୍ଥି ଆପଣା ଆପଣା ଆସ୍ଥି ସହିତ ସଂଯୁକ୍ତ ହେବାରେ ଲାଗିଲେ ।



ତାହାପରେ, ସେହି ଅସ୍ଥି ଉପରେ ମାଂଶ ହେଲା ।



ପୁଣି ସେମାନଙ୍କ ଶରିରରେ ଚ଼ର୍ମ ହେଲା, ମାତ୍ର ସେମାନଙ୍କ ଶରୀରରେ ପ୍ରାଣବାୟୁ ନଥିଲା ।



ସଦାପ୍ରଭୁ କହକିଲେ, ହେ ମନୁଷ୍ୟ ସନ୍ତାନ, ସେମାନଙ୍କ ପ୍ରତି ଭବିଷ୍ୟଦବାକ୍ୟ ପ୍ରଚ଼ାର କରି କୁହ, ହେ ପ୍ରାଣବାୟୁ ତୁମେ ଚ଼ାରି ଦୀଗରୁ ବୋହିଆସି ସେମାନଙ୍କ ଉପରକୁ ଫୁଙ୍କ ଯେପରି ସେମାନେ ଜୀବୀତ ହେବେ । ଯେତେବେଳେ ଯିହିଜିକଲ ତାହା କହିଲେ, ...



... ସେମାନଙ୍କ ମଧ୍ୟକୁ ପ୍ରାଣବାୟୁ ଆସିଲା ପୁଣି ସେମାନେ ବଞ୍ଚିଲେ ଓ ଆପଣା ପାଦରେ ଛିଡ଼ାହେଲେ । ବର୍ତ୍ତମାନ୍ ସେହି ଉପତ୍ୟାକା ବିରାଟ ସୈନ୍ୟବାହିନିରେ ପରିପୂର୍ଣ୍ଣ ହେଲା । ସଦାପ୍ରଭୁ ଜ୍ଞାତ ଥିଲେ, ଯେତେବେଳେ, ଯିରୂଶାଲମ ପରାଜିତ ହୋଇ ଧଂସ ହେଲା ସେତେବେଳେ



...

... ଯିହୁଦୀମାନେ ଅସହାୟ ମନେ କଲେ । ସେ ଯିହିଜିକଲଙ୍କ ସ୍ୱପ୍ନଦ୍ୱାରା ସେମାନଙ୍କୁ ଏକ ସମ୍ବାଦ ପ୍ରେରଣ କଲେ । ଏହି ଅସ୍ଥିଗୁଡ଼ିକ ସମସ୍ତ ଇସ୍ରାଏଲ ଜାତି ଅଟନ୍ତି, ସଦାପ୍ରଭୁ କହିଲେ । ଆମ୍ଭେ ଆପଣା ଆତ୍ମା ତୁମ୍ଭ ଉପରେ ବର୍ଷାଇବା ପୁଣି ତୁମ୍ଭମାନଙ୍କୁ ନିଜ ସ୍ଥାନକୁ ଫେରାଇ ଆଣିବା ।



ସଦାପ୍ରଭୁଙ୍କଠାରୁ ମହା ଆଶ୍ୱାସନାର ସମ୍ବାଦ ଅଟେ । ଯିହିଜିକଲଙ୍କଠାରୁ ସଦାପ୍ରଭୁଙ୍କ ପ୍ରତିଜ୍ଞା ସଫଳ ହେଲା, ଯେତେବେଳେ ଯିହୁଦୀମାନେ ନିଜ ଦେଶକୁ ଫେରି ଆସିଲେ । ସେମାନେ ଜାଣିଥିଲେ ଯେ ସଦାପ୍ରଭୁ



ଯିହିଜିକଲ : ସ୍ୱପ୍ନ ମାନବ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯିହିଜିକଲ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀଯ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚଯ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬